

# ବ୍ୟାଙ୍କ ଖାତାର କାହାଣୀ



# Reserve Bank of India

Rural Planning and Credit Department
Bhubaneswar
Tel no. 0674 2394639

For further information contact us at
rdbhubaneswar@rbi.org.in

or you may surf

**Www.rbi.org.in**

(http://www.rbi.org.in/commonman will take you to RBI multilingual site available in 13 languages including Oriya)

---

Originally prepared in English by RBI Chennai. Translated to Oriya by Shri Kalika Prasad Mohapatra, Asst. Manager, RBI, Bhubaneswar under the guidance of the Regional Director, RBI, Bhubaneswar.


ବ୍ୟାଙ୍କ ଖାତାର କାହାଣୀ
ରାମପୁର ଗ୍ରାମ-ବଡ଼ିସକାଳଟାରୁ ସରପଞ୍ଚ ମହୋଦୟ ଚା କପ୍‌ରେ ଗୋଟାଏ, ଦୁଇଟା ସୁଡକା ଚା ପିଉଥିବା ସମୟରେ
ହଠାତ୍
ନାଁ !!!
ଆଉ ନୁହେଁ
ହେ ପ୍ରଭୁ,
କ..ଣ ହୋଇଗଲା ?
ଏହି ଚିତ୍କାର ସରପଞ୍ଚଙ୍କ ପଡ଼ୋଶୀ ରାମୁର ଥିଲା ।
ସବୁ କିଛି ଲୁଟ୍ ହୋଇଗଲା । ମୋର ପଇସା, ଗହଣା ସବୁ କିଛି ଚାଲିଗଲା । ଏବେ ମୁଁ ମୋ ଝିଅ ରାଧାର ବାହାଘର କେମିତି କରିବି ? ହେ ପ୍ରଭୁ ! ଚୋରର ସତ୍ୟାନାଶ ହୋଇଯାଉ ।


ରାମୁ ଶାନ୍ତହେଇ ଯା, ଆଚ୍ଛା, ମୋତେ କହିଲୁ କଣ ହେଲା?
ବିଚରା ରାମୁର ଝିଅ ବାହାଘର ଦଶଦିନ ମାତ୍ର ରହିଲା
ଚାଲ ଥାନାରେ ରିପୋର୍ଟ ଲେଖିବା
ମୁଖିଆ ମହାଶୟ, ମୁଁ ବରବାଦ୍ ହେଇଗଲି, ଆଜ୍ଞା ରାଧାର ବାହାଘର ପାଇଁ ଟଙ୍କା, ଗହଣା, ଯାହାବି ଜମା କରିଥିଲି, ସବୁ ଚୋରି ହୋଇଗଲା


ରାମୁର ଭାଇ ଲକ୍ଷ୍ମଣ ଭିଡକୁ ଭାଙ୍ଗି ସମସ୍ତଙ୍କ ସାମନାକୁ ଆସିଲା
ରାମୁଭାଇ ! କଅଣ ଏହା ପ୍ରକୃତରେ ସତ୍ୟ ଯେ ତୁମର ଘରେ ଥିବା ସମସ୍ତ ଦ୍ରବ୍ୟ ଚୋରି ହୋଇଗଲା ?


ରାମୁର ଆଖିରୁ ଅବିଶ୍ରାନ୍ତ ଲୋତକଧାରା ବହିଯାଉଥିଲା
ହଁ ଏହା ସତ୍ୟରେ ଭାଇ । ଚୋରଟା ସବୁକିଛି ନେଇଗଲା, କିଛି ବି ଛାଡ଼ିନି, ମୁଁ ତ ବରବାଦ୍ ହୋଇଗଲି ।
ହେ ଭଗବାନ !


ରାମୁ ଓ ଲକ୍ଷ୍ମଣ ଥାନାରୁ ରିପୋର୍ଟ ଦାଖଲ କରି ଫେରୁଥିବା ବାଟରେ---
ହେ ଭାଇ ! ଲକ୍ଷ୍ମଣ,ଏବେ ମୁଁକଅଣ କରିବି? ବାହାଘର ପାଇଁ ମୋତେ କିଏ କରଜ ଦେବ?
POLICE STATION
ଭାଇ ବ୍ୟସ୍ତ ହୁଅନାହିଁ,ମୁଁ ଅଛି ପରା ! ରାଧା କଅଣ ମୋର ଝିଅ ନୁହେଁ? କୁହ,ବାହାଘର ପାଇଁ କେତେ ଟଙ୍କା ଦରକାର?


ବାହାଘର ପାଇଁ ପ୍ରାୟ ସମସ୍ତ ଯୋଗାଡ଼ ହୋଇଯାଇଛି । କେବଳ ପାଞ୍ଚ ହଜାର ଟଙ୍କା ବରଯାତ୍ରୀଙ୍କ ଭୋଜି ପାଇଁ ଦରକାର ହେବ ।
ଠିକ୍ ଅଛି । ଟଙ୍କାର ଯୋଗାଡ଼ ମୁଁ କରିଦେବି


ରାମୁ ଶାନ୍ତିରେ ଗୋଟାଏ ନିଃଶ୍ୱାସ ଛାଡିଲା
ଭାଇ ! ତୁ ମୋର ଗୋଟେ ବଡ଼ ବୋଝକୁ ହାଲୁକା କରି ଦେଲୁ।ଚାଲ ତା ଘରକୁ ଯାଇ ଟଙ୍କା ନେଇ ଆସିବା।
ଟଙ୍କା---ସେ ପୁଣି ଘରେ? ମୋର ସମସ୍ତ ଟଙ୍କା ତ ଜନତା ବ୍ୟାଙ୍କରେ ଜମା ଅଛି ।


ରାମୁ ଆଶ୍ଚର୍ଯ୍ୟ ହୋଇଗଲା ।
ବ୍ୟାଙ୍କରେ ଜମା ହୋଇଛି ? ମୁଁ ତ ଜାଣିଥିଲି ବ୍ୟାଙ୍କରେ କେବଳ ଖ୍ୟାତି ସମ୍ପନ୍ନ କିମ୍ବା ଧନୀ ଲୋକଙ୍କର ଖାତା ଥାଏ । ଆମ ଗାଆଁରେ ତ କେବଳ ମୁଖିଆ ମହାଶୟଙ୍କର ବ୍ୟାଙ୍କ ଖାତା ଅଛି ।
ବିଲ୍ କୁଲ୍ ନୁହେଁ ମୁଁ କଣ ତମକୁ ଧନୀ ଲୋକ ପରି ଲାଗୁଛି କି? ଆମ ଗାଁରେ ପ୍ରାୟ ସମସ୍ତଙ୍କର ବ୍ୟାଙ୍କ ଖାତା ଅଛି ।


ରାମୁର ବିଶ୍ୱାସ ହେଉ ନଥାଏ ।
କିନ୍ତୁ ଭାଇ ! ମୋର ଘରେ ରଖିଥିବା ଟଙ୍କା, ଗହଣା ପରି ବ୍ୟାଙ୍କରେ ଜମା ଟଙ୍କା, ଗହଣା କି ତ ଚୋରି ହୋଇପାରେ ? ତେବେ ମୋର ଜମା ଟଙ୍କା ବ୍ୟାଙ୍କରେ ଅଧିକ ସୁରକ୍ଷିତ କିପରି ରହିବ ?
- ଠିକ୍ କହିଲ ଭାଇ ! କିନ୍ତୁ ବ୍ୟାଙ୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ଅଛି ଏବଂ ଜମା ଟଙ୍କା ସୁରକ୍ଷିତ ଲୁହା ଆଲମାରୀରେ ତାଲି ପଡ଼ି ରହେ । ତେଣୁ ବ୍ୟାଙ୍କରେ ଥିବା ଜମାଟଙ୍କା ଘରେ ରଖିବା ଅପେକ୍ଷା ଅଧିକ ନିରାପଦ ।


ପୁନଶ୍ଚ ବ୍ୟାଙ୍କ ଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କର ସଖ୍ତ ନିରାପତ୍ତା ପ୍ରଣାଳୀକୁ ପାଳନ କରିଥାଆନ୍ତି । ତମକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବିଷୟରେ ଜଣାଥିବ । ଆରେ ଭାଇନା ! ରିଜର୍ଭ ବ୍ୟାଙ୍କ ପରା ନୋଟ୍ ଛାପିଥାଏ ।
बैंक BANK
PRIVATE
RBI
बैंक BANK
PUBLIC
बैंक BANK
CO-OPERATIVE
बैंक BANK


କେବଳ ସେତିକି ନୁହେଁ । ପ୍ରତ୍ୟେକ ବ୍ୟାଙ୍କ ଖାତାଧାରୀଙ୍କୁ ୧ ଲକ୍ଷ ଟଙ୍କାର ବୀମା ସୁବିଧା ମଧ୍ୟ ମିଳିଥାଏ । ଆମର ଚିନ୍ତା କରିବାର କିଛି ନାହିଁ । କିଛି ଯଦି ଅଘଟଣ ଘଟିଗଲା, ତେବେ ମଧ୍ୟ ଆମର ଜମା ଟଙ୍କା ଏକଦମ୍ ସୁରକ୍ଷିତ ରହିବ


ବଢ଼ିଆ କଥା ! ଏ ସବୁ ତ ମୁଁ ଜାଣି ନଥିଲି । ତା ହେଲେ ତ ବ୍ୟାଙ୍କରେ ପ୍ରକୃତରେ ଆମ ଦ୍ୱାରା ଜମା କରାଯାଇଥିବା ଟଙ୍କା ବହୁତ ସୁରକ୍ଷିତ ରହୁଛି ।
କେବଳ ସୁରକ୍ଷା ନୁହେଁ । ଅଧିକନ୍ତୁ ବ୍ୟାଙ୍କ ଆପଣଙ୍କୁ ଆପଣଙ୍କ ଦ୍ୱାରା ଜମାଟଙ୍କା ଉପରେ ସୁଧ ମଧ୍ୟ ପ୍ରଦାନ କରିଥାଏ ।


ମୁଁ ତମକୁ ବ୍ୟାଙ୍କ ସମ୍ବନ୍ଧରେ ଭଲ କରି ବୁଝାଇ ଦେଇଛି ।
ନିଶ୍ଚିତ କଥା !


ବ୍ୟାଙ୍କ ଏପରି ଏକ ସଂସ୍ଥା, ଯେଉଁଠି ସାଧାରଣ ଜନତା ଟଙ୍କା ଜମା ରଖନ୍ତି ଏବଂ ଏହି ଜମା ଟଙ୍କାକୁ ବ୍ୟାଙ୍କ ଋଣ ଆକାରରେ ଲୋକଙ୍କୁ ଦିଏ ଅଥବା ପୁଞ୍ଜି ନିବେଶ କରି ପୁନଃ ଉପାର୍ଜନ କରେ ।
ବ୍ୟାଙ୍କ
ଜମା
ଋଣ
ବ୍ୟାଙ୍କରେ ଜମା ଟଙ୍କା ଉପରେ ଆପଣ ସୁଧ ପାଇଥାଆନ୍ତି ।
ଯେତେବେଳେ ଆପଣ ବ୍ୟାଙ୍କରୁ ଟଙ୍କା ଋଣ ନିଅନ୍ତି, ଆପଣଙ୍କୁ ଋଣ ଟଙ୍କା ଉପରେ ସୁଧ ଦେବାକୁ ହୁଏ


ଝାଡ଼ ବନ୍ଧା ହେଲାପରେ ଆମ ତୁଳ ଭାଇଙ୍କୁ ଯେଉଁ ଦଶହଜାର ଟଙ୍କା କରି ମିଳିଥିଲା, ବ୍ୟାଙ୍କରେ ସେହି ଟଙ୍କା ଜମାକରି କେତେ ଲାଭବାନ ହୋଇପାରିବା, ସେ କଥା ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବ ।


ତୁମେ ଘରେ ଯେଉଁ ଟଙ୍କା ରଖିଲ, ତାହା ଚୋରି ହୋଇଗଲା, ଯେତେବେଳେ କି ମୋର ବ୍ୟାଙ୍କରେ ଜମା ଟଙ୍କା ସୁରକ୍ଷିତ ରହିଲା ଏବଂ ମୋତେ ସେହି ଜମା ଟଙ୍କା ଉପରେ ସୁଧ ବି ମିଳିଲା । କହିବାକୁ ଗଲେ ଯାତ୍ରା ବି ଦେଖିଲି ଚାରି କଦଳୀ ବି ବିକିଲି ।
ମୂଳ
ସୁଧ
ଘରେ ଟଙ୍କା ରଖିଲେ
ବ୍ୟାଙ୍କରେ ଟଙ୍କା ରଖିଲେ


ରାମୁ ହତବାକ୍ ହୋଇଯାଇଥାଏ ---
ତୁ ତ ଭଲେ ଟଙ୍କାର କଥାଟାଏ କହିଲୁ କି ଜମା ଟଙ୍କାର ପରିମାଣ ବୃଦ୍ଧି ବିନା ଦୁର୍ଘଟଣାରେ ମଧ୍ୟ ସମ୍ଭବ ଅଟେ । ଯଦି ମୁଁ ଆଗରୁ ଏତେ କଥା ଜାଣିଥାଆନ୍ତି, ଆଜି ଏ ଘଟଣା ଘଟି ନଥାନ୍ତା ।
କେବଳ ସେତିକି ନୁହେଁ । ତମେ ବ୍ୟାଙ୍କରୁ ଋଣ ଆକାରରେ ଟଙ୍କା ମଧ୍ୟ ଆଣି ପାରିବ ।


କିନ୍ତୁ ବ୍ୟାଙ୍କରୁ କାହିଁକି ଜଣେ ଉଧାରରେ ଟଙ୍କା ଆଣିବ ? ଆମ ଗାଆଁ ସାହୁକାର ତ ଅଛି । ଆମ ବାପା ତ ପୁଣି ସାହୁକାର ପାଖରୁ ଟଙ୍କା କରଜ କରି ଆଣିଥିଲେ ।
ବାପା ତ ଏଇଠି ଭୁଲ କରି ବସିଲେ । ସାହୁକାରର କରଜ ଟଙ୍କା ବାବଦରେ ସୁଧ ବହୁତ ଥିଲା । ଏହି କଥାଟା ବାପା ହୃଦୟଙ୍ଗମ କରିପାରିନଥିଲେ ।


ବାପାଙ୍କୁ ସାହୁକାର କରଜଟଙ୍କା ଉପରେ ୫% ସୁଧ ଲଗାଇଥିଲା । କିନ୍ତୁ ସୁଧର ହାର ମାସିକ ୫% ହିସାବରେ ବାର୍ଷିକ ହିସାବ କଲେ ଶହେ ଟଙ୍କାର ସୁଧ ୬୦ ଟଙ୍କା ହେଲା । ସର୍ତ୍ତ ଅନୁସାରେ ସୁଧ ପଇସା ନ ଦେଇପାରିଲେ ସାହୁକାର ସୁଧ ଟଙ୍କା ଉପରେ ସେହି ହାରରେ ସୁଧ କଷି ଦେଉଥିଲା । କରଜ ଟଙ୍କା ପଇଠର ସମୟ ଯେତେ ଦୀର୍ଘ ହେଲା, ସାହୁକାରର ମୁନାଫା ସେତେ, ଏବେ ତମେ ଭାଇ ବିଚାରକର, ବାପାଙ୍କୁ ପାଞ୍ଚବର୍ଷରେ କରଜ ଶୁଝିବା ପାଇଁ କେତେ ଟଙ୍କା ଦେବାକୁ ପଡ଼ିଲା ।
କରଜ ଦେଇ, ଆପଣ ଦୟାର ଅବତାର ଆଜ୍ଞା !
ମୁଁ ତ ତୁମମାନଙ୍କର ସହାୟତା ପାଇଁ ଅଛି । ଯେତେବେଳେ ଉଧାର
ଏହି ଋଣ ଟଙ୍କା ବାପା ଯଦି ବ୍ୟାଙ୍କରୁ ଉଠାଇ ଥାଆନ୍ତେ, ତେବେ ବର୍ଷକୁ ପ୍ରତି ଶହେ ଟଙ୍କା ଋଣ ପିଛା ମାତ୍ର ଟ୧୦/- ରୁ ଟ୧୫ ଙ୍କା ପଡ଼ିଥାଆନ୍ତା । ରାମୁ


ବାପା ଏତେ ଚକ୍ରା ଦରରେ ସୁଧ ସହିତ ମୂଳ ଫେରାଇ ପାରିଲେ ନାହିଁ ଏବଂ ସାହୁକାର ଟଙ୍କା ୧୦,୦୦୦ କରଜ ପାଇଁ ଆମର ୨ ଲକ୍ଷ ଟଙ୍କାର ଜମିକୁ ସାହୁକାର ଦଖଲ କରିଦେଲା ।
ହେ ଭଗବାନ ! ଏହି ସାହୁକାର ଏତେ ଧୂର୍ତ୍ତ ଲୋକଟେ !


ଏବେ ତ ଆପଣଙ୍କର ହୃଦୟଙ୍ଗମ କରିବା ରାସ୍ତା ପରିଷ୍କାର ହୋଇଗଲା । ଆଗକୁ ଯେବେ ବି ଟଙ୍କା କରଜ କରିବା କଥା ଭାବିବେ, କେବଳ ବ୍ୟାଙ୍କରୁ କରଜ କରିବାକୁ ଚିନ୍ତା କରିବେ । ହଉ ଚାଲନ୍ତୁ, ବ୍ୟାଙ୍କ କାଉଣ୍ଟର ବନ୍ଦ ହେବା ଆଗରୁ ଆମକୁ ସେଠାରେ ପହଞ୍ଚିବାକୁ ପଡ଼ିବ ।


ଦୁଇ ଭାଇ ବ୍ୟାଙ୍କ ଶାଖାକୁ ଯାଉଥାଆନ୍ତି ...
ଆରେ ଏଠି କଅଣ ସୋନେ ତିଆରି ଚାଲିଛି ?
ଭାଇ ! ତମେ ଆମ ଗାଆଁର ଯୁବ ବ୍ୟବସାୟୀ ଉଦୟକୁ ଜାଣିଥିବ । ଉଦୟ ବ୍ୟାଙ୍କରୁ କରଜ ଆଣି ଶୀତଳ ଭଣ୍ଡାର ଘର ତୋଳୁଛି । ଭଗବାନ ତାକୁ ସହାୟ ହୁଅନ୍ତୁ !
COLD


ତୁ କାହିଁକି ଉଦୟର ..ଶୀତଳ ଭଣ୍ଡାର.. ଘର ନିର୍ମାଣ ବିଷୟରେ ଏତେ ଆଗ୍ରହୀ, ମୁଁ ଜାଣି ପାରୁନି ?
ଲକ୍ଷ୍ମଣ ବୁଝାଇ କହୁଥାଏ ....................
ଦେଖ ଭାଇ ! ବହୁତ ଥର ମୁଁ ନିଜ ଗାଈଠାରୁ ମିଳୁଥିବା ଦୁଧକୁ ଷ୍ଟୋରେଜ ସେଣ୍ଟରରେ ବିକି ପାରୁନାହିଁ ଏବଂ ଏହି ବଳକା ଦୁଧ ନଷ୍ଟ ହେଉଛି । ..ଶୀତଳ ଭଣ୍ଡାର.. ନିର୍ମାଣ ହେଲେ ବଳକା ଦୁଧକୁ ଏଠାରେ ରଖିପାରିବି ଏବଂ ପରେ ବିକ୍ରିକରିପାରିବି । ମୋ ପାଇଁ ଏହା ଆଣିଦେବ ଅଧିକ ଉପାର୍ଜନ ଏବଂ ଲାଭ ମଧ୍ୟ ବୃଦ୍ଧି ହେବ ।
ଏବେ ମତେ ବିଶ୍ୱାସ ହେଉଛି, ଏହି ଶୀତଳ ଭଣ୍ଡାର ଦ୍ୱାରା ଗାଆଁର ସମସ୍ତ ଚାଷୀଙ୍କର ଦୁଧ ବିକ୍ରି କରି ଲାଭ ହେବ ।
କେବଳ ଦୁଗ୍ଧ ଉତ୍ପାଦନ କରି କୃଷକ ନୁହେଁ, ଏହି ନିର୍ମାଣ କାର୍ଯ୍ୟରେ ଲାଗିଥିବା, ମୂଲିଆ, ମିସ୍ତ୍ରୀଙ୍କୁ ବି ରୋଜଗାର ମିଳୁଛି ଏବଂ ସେମାନେ ଦୁଇ ପଇସା କମାଇ ପାରୁଅଛନ୍ତି । ମୁଁ ତ ଶୁଣିଛି , ଉଦୟ ଆମ ଗାଆଁର ଯୁବକ ମାନଙ୍କୁ ଏଠି ଚାକିରୀରେ ରଖିବ । ଲାଗୁଛି, ମୋ ପୁଅଟାକୁ ମଧ୍ୟ ଏଠାରେ ଖଣ୍ଡେ ଚାକିରୀ ମିଳିଯିବ ।
ଏବେ ମୁଁ ବୁଝୁଛି, ଆମର ଜୀବନଯାତ୍ରାରେ ବ୍ୟାଙ୍କର କି ପ୍ରକାର ମହତ୍ତ୍ୱ ରହିଛି । ବ୍ୟାଙ୍କମାନେ କେବଳ ସଞ୍ଚୟ ବୃଦ୍ଧି କରୁନାହାନ୍ତି, ଉତ୍ପାଦନ ମୂଳକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଋଣ ଯୋଗାଇ ଦେଉଛନ୍ତି ।


ଋଣ
ଉତ୍ପାଦନ ମୂଳକ କାର୍ଯ୍ୟ
ଅଧିକ ରୋଜଗାର
ଅଧିକ ସଞ୍ଚୟ
ଜମା


ଗୋଟାଏ କଥା ମୋ ମୁଣ୍ଡରେ ପଶୁ ନାହିଁ । ଯଦି ବ୍ୟାଙ୍କ ସବୁ ପଇସା ଋଣ / କରଜରେ ଲଗାଇ ଦେଲା, ତେବେ ଟଙ୍କା ଜମା କରିଥିବା ଲୋକ ମାଗିଲେ, ସେମାନଙ୍କୁ ମାଗିଥିବା ଟଙ୍କା ଫେରାଇବ କେମିତି ?


ଦୁଇଭାଇ ବ୍ୟାଙ୍କରେ ପହଞ୍ଚିଗଲେ.....
ଚାଲ କାଉଣ୍ଟରକୁ ଯାଇ ନିଜ ଚେକ୍‌ଟିକୁ ଭଙ୍ଗେଇ ନବା
CASH
CASH
SAVE!
LOANS
ଲକ୍ଷ୍ମଣ ! ମୁଁ ତ ଆଜି ପର୍ଯ୍ୟନ୍ତ ଚେକ୍ ଟିଏ ଦେଖିନାହିଁ । ମୁଁ ଏହାକୁ ଦେଖିପାରିବି କି ?
ଚେକ୍ ଟଙ୍କା ପ୍ରଦାନ କରିବାର ଏକ ଆଦେଶ ଅଟେ
ତାରିଖ
ପ୍ରାପ୍ତିକର୍ତ୍ତା
ରାଶି (ଶବ୍ଦରେ ବର୍ଣ୍ଣିତ)
ରାଶି (ଅଙ୍କରେ)
Date: 02/07/07
Pay ଲକ୍ଷ୍ମଣ or bearer
Rs. ପାଞ୍ଚ ହଜାର ମାତ୍ର
5000/-
A/c No.007007
JANATA BANK
My Village.
123456 123456789 123456
ହସ୍ତାକ୍ଷର


ଲକ୍ଷ୍ମଣ କାଉଣ୍ଟରରେ ଚେକ ଦେଇ ନଗଦ ଟଙ୍କା ଆଣିଲା
ଏବେ ମୁଁ ହୃଦୟଙ୍ଗମ କରିପାରିଲି, ଏସବୁ କାର୍ଯ୍ୟ ଯଥା ନଗଦ ଟଙ୍କା ଉଠାଣ କିମ୍ବା ଜମା କରିବା କେତେ ସୁରକ୍ଷିତ ଏବଂ ସହଜ ଅଟେ । ମୋର ବ୍ୟାଙ୍କ ଖାତାଟିଏ ନଥିବାରୁ ମୁଁ କେତେ ହଇରାଣ - ହରକତ ହେଲି । ମୁଁ କଣ ଏବେ ଚାହିଁଲେ ବ୍ୟାଙ୍କରେ ଖାତାଟିଏ ମୋ ନାଁରେ ଖୋଲିପାରିବି ।
ହଁ, କାହିଁକି ଖୋଲିପାରିବନି, ଚାଲ ଯିବା, ବ୍ୟାଙ୍କ ମ୍ୟାନେଜରଙ୍କୁ ସାକ୍ଷାତ କରିବା !


ଆଜ୍ଞା ! ମୁଁ ଭିତରକୁ ଆସିପାରିବି କି ?
ହଁ ଆଜ୍ଞା ! ଭିତରକୁ ଆସନ୍ତୁ । ଲକ୍ଷ୍ମଣ ବାବୁ କେମିତି ଅଛନ୍ତି ? ବହୁତ ଦିନପରେ ବ୍ୟାଙ୍କକୁ ଆସିଲେ । ସବୁ ଠିକ୍ ଠାକ୍ ଚାଲିଛି ତ ?
MANAGER


ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରକୋଷ୍ଠ ଭିତରେ -----
ମ୍ୟାନେଜର ସାର୍ ! ନମସ୍କାର ! ସବୁ ଠିକ୍ ଠାକ୍ ଚାଲିଛି । କଥା କଣ କି ସାର୍, ମୋ ବଡ଼ଭାଇ ରାମୁ ବ୍ୟାଙ୍କରେ ନିଜ ନାମରେ ବ୍ୟାଙ୍କ ଖାତାଟିଏ ଖୋଲିବାକୁ ଚାହୁଁଛନ୍ତି ।
OPEN YOUR ACCOUNT TODAY!
JANATA BANK
START SAVING TODAY
ଆଚ୍ଛା ! ଏମିତି କଥା । ପ୍ରଥମେ ଆପଣମାନେ ଆସନ ଗ୍ରହଣ କରନ୍ତୁ । ପ୍ରଥମରେ ମୁଁ ଆପଣଙ୍କୁ ବୁଝାଉଛି, ଆପଣମାନେ ବ୍ୟାଙ୍କରେ କେତେ ପ୍ରକାରର ଖାତା ଖୋଲିପାରିବେ ।


ଦେଖ ରାମୁ ! ତୁମେ ତିନି ପ୍ରକାରର ବ୍ୟାଙ୍କ ଖାତା ଖୋଲିପାରିବ । ସେଗୁଡ଼ିକ ହେଲା - ସଞ୍ଚୟ ଖାତା, ଚାଲୁ ଖାତା ବା ମିଆଦୀ ଖାତା ।


ନଗଦ
ସଞ୍ଚୟ
ଦେଖ ରାମୁ ସଞ୍ଚୟ ଖାତାରେ ତୁମକୁ ସଦାସର୍ବଦା ଏକ ନିର୍ଦ୍ଦିଷ୍ଟ ଜମା ଟଙ୍କା ରଖିବାକୁ ପଡ଼ିବ । ଏହାଠାରୁ ଅଧିକ ଯେଉଁ ଟଙ୍କା ଖାତାରେ ରହିବ, ତୁମେ ଆବଶ୍ୟକତା ଅନୁଯାୟୀ ଏହି ଖାତାରୁ ଉଠାଣ କରିପାରିବ । କେବଳ ସେତିକି ନୁହେଁ, ତୁମେ ଏହି ଜମା ଟଙ୍କା ଉପରେ ବାର୍ଷିକ ୩ ଟଙ୍କା ୫୦ ପଇସା ହାରରେ ସୁଧ ମଧ୍ୟ ପାଇବ ।
ଚାଲୁଖାତାରେ ତୁମେ କେବେ ବି ଚାହିଁଲେ ଟଙ୍କା ଜମା କରି ପାରିବ । କିନ୍ତୁ ଏହି ଖାତାରେ ଜମାଟଙ୍କା ଉପରେ ସୁଧ ମିଳିବ ନାହିଁ । ଏହି ଖାତା ସାଧାରଣତଃ ବ୍ୟବସାୟୀ କିମ୍ବା ବହୁତ ଆଦାନ ପ୍ରଦାନକାରୀ ଗ୍ରାହକମାନେ ବ୍ୟବହାର କରିଥାଆନ୍ତି ।
ମିଆଦୀ ଜମା ଖାତା ଦୁଇପ୍ରକାରର ଅଟେ । ପୁନଃ ପୌନିକ ଜମାଖାତା ଏବଂ ନିର୍ଦ୍ଦିଷ୍ଟ ଅବଧି ଜମା ଖାତା ମିଆଦୀ ଜମାଖାତାର ଦୁଇଟି ରୂପ ଅଟେ ।
ଜୁନ
ଫେବୃୟାରୀ
ଜାନୁୟାରୀ
ମାର୍ଚ୍ଚ
ଅପ୍ରେଲ
ସୁଧ
ପ୍ରଥମତଃ ପୁନଃ ପୌନିକ ଜମାଖାତାରେ ତୁମେ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଜମା କରିବାକୁ ପଡ଼ିବ । ଯେଉଁ ସମୟ ଅବଧି ପାଇଁ ଖାତା ଖୋଲା ଯାଇଥିବ, ତାହା ପୂରଣ ହୋଇଗଲେ, ତୁମେ ନିଜର ସମସ୍ତ ଜମାଟଙ୍କା ଏବଂ ଅର୍ଜିତ ହୋଇଥିବା ସୁଧ ସହିତ ସମସ୍ତ ଟଙ୍କା ଉଠାଇ ନେଇ ଯାଇପାରିବ ।
ନିର୍ଦ୍ଦିଷ୍ଟ ଅବଧି ଜମାଖାତାରେ ତୁମେ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଏକ ନିର୍ଦ୍ଦିଷ୍ଟ ସମୟ ପରେ ନିଜେ ଜମା କରିଥିବା ଜମା ଟଙ୍କା ସହିତ ପ୍ରାପ୍ତ ସୁଧକୁ ମିଶାଇ ସମସ୍ତ ଟଙ୍କା ଉଠାଇପାରିବ । ଏହି ଜମାଖାତାରେ ଜମା ଟଙ୍କାର ସମୟସୀମା ଯେତେ ଅଧିକ, ତୁମେ ସେତେ ବଢ଼ା ଦରର ସୁଧ ଜମାଟଙ୍କା ଉପରେ ପାଇପାରିବ ।
START
ଟଙ୍କା ଉଠାଣ ମନା


ମ୍ୟାନେଜର ସାର ! ମୁଁ ଚାହୁଁଛି - ମୁଁ ନିଜ ଖାତାରେ ବରାବର ଟଙ୍କା ଜମା କରି ପାରିବି ଏବଂ ଯେତେବେଳେ ଦରକାର ହେବ, ମୋ ଖାତାରୁ ଟଙ୍କା ଉଠାଇବି । ମୋ ପାଇଁ କେଉଁ ପ୍ରକାରର ବ୍ୟାଙ୍କ ଖାତା ଉପଯୁକ୍ତ ହେବ ?
ଏହି ପରି ପରିସ୍ଥିତିରେ ସଞ୍ଚୟ ଖାତାଟିଏ ଖୋଲିବା ତୁମ ପାଇଁ ଉପଯୁକ୍ତ ହେବ ତୁମକୁ ସଦାସର୍ବଦା ଏହି ବ୍ୟାଙ୍କ ଖାତାରେ ୫୦୦ ଟଙ୍କା ନିର୍ଦ୍ଦିଷ୍ଟ ଭାବେ ଜମା ରଖିବାକୁ ହେବ ।


ରାମୁ ନିରାଶ ହୋଇଗଲା ।
ଦେଖନ୍ତୁ ମ୍ୟାନେଜର ସାର ! ମୋ ପାଖରେ ଏତେ ଟଙ୍କା ନାହିଁ । ଆଜି ବଡ଼ି ସକାଳୁ ମୋ ଘରୁ ଗୋଟାଏ ବଡ଼ ଚୋରି ବି ହୋଇଯାଇଛି । ଏ ସବୁକୁ ଛାଡ଼ିଦେଲେ ମଧ୍ୟ ମୁଁ ମାସକୁ ବଡ଼ କଷ୍ଟରେ ଟଙ୍କା ୧୨୦୦ ରୋଜଗାର କରିପାରେ ।


ଦେଖ ରାମୁ ! ଏଥିରେ ନିରାଶ ହେବାର କିଛି ନାହିଁ । ଆମ ବ୍ୟାଙ୍କ ପାଖରେ ଏଥିପାଇଁ ମଧ୍ୟ ଉପାୟ ରହିଛି । ତୁମେ ଅତି କମ୍‌ରେ ୧୦ ଟଙ୍କା ଜମା କରିବ ଏବଂ ସାଧାରଣ ସଞ୍ଚୟ ଖାତାର ସମସ୍ତ ସୁବିଧା ମଧ୍ୟ ପାଇପାରିବ । ଏହିପରି ଏକ ସଞ୍ଚୟ ଖାତାକୁ ନୋ-ଫ୍ରିଲ୍ସ୍ ଖାତା କୁହନ୍ତି ।
କଅଣ କହିଲେ ସାର, ଖୁସି ହେଲାନି ! ସତରେ କଅଣ ମୁଁ ଏପରି ଗୋଟିଏ ବ୍ୟାଙ୍କ ଖାତା ଖୋଲିପାରିବି ? ଏଥିପାଇଁ କଅଣ କରିବାକୁ ପଡ଼ିବ ?
OPEN YOUR ACCOUNT TODAY!
ଉପେକ୍ଷିତ ବର୍ଗର ଗ୍ରାହକମାନଙ୍କ ପାଇଁ କମ୍ ଜମା ଟଙ୍କା ଦାଖଲ କରି ଖୋଲି ହେଉଥିବା ସାଧାରଣ ସଞ୍ଚୟ ଖାତାକୁ ନୋ - ଫ୍ରିଲ୍ସ ଜମା ଖାତା କୁହାଯାଏ ।



ଏମିତି ଏକ ଜମାଖାତା ଖୋଲିବା ଖୁବ୍ ସହଜ କଥା ଏବଂ ଏଥିଲେ କୌଣସି ସମୟ ସୀମା ମଧ୍ୟ ନାହିଁ । ଏପରି ଏକ ଖାତା ଖୋଲିବା ପାଇଁ ତୁମର ନିକଟ ଅତୀତରେ ଉଠାଯାଇଥିବା ଫଟୋର ଦୁଇଟା ପାସ୍‌ପୋର୍ଟ କପି ଦରକାର ହେବ ।
ଦୁଇଟା ପାସପୋର୍ଟ ସାଇଜ ଫଟୋ
କୌଣସି ବି କାଗଜପତ୍ର, ଯେଉଁଥିରେ କି ତୁମର ଠିକଣା ଲେଖାହୋଇଛି, ଯେପରି ରେସନ କାର୍ଡ, ଭୋଟର ପରିଚୟ ପତ୍ର ନିଜ ନାମରେ ଥିବା ଇଲେକ୍ଟ୍ରିକ୍ ବିଲ୍ କିମ୍ବା ଡାକ ଘର ଦ୍ୱାରା ଏ ସମ୍ବନ୍ଧରେ ଜାରି ହୋଇଥିବା କୌଣସି ପ୍ରମାଣ ପତ୍ର ଆବଶ୍ୟକ ।
ଭୋଟର ପରିଚୟ ପତ୍ର
ନାମ - ରାମୁ
ଠିକଣା ଗ୍ରାମ - କେନାପୁର
ଥାନା - ଚନ୍ଦନପୁର
ଜିଲ୍ଲା - ପୁରୀ
ପିନ୍ - ୭୫୨୦୧୯
ଆବେଦନ ପତ୍ର
ନାମ
ଠିକଣା
ଜନ୍ମତିଥି
ଏହାଛଡ଼ା ଏକ ଗ୍ରାହକ ଦ୍ୱାରା ପୂରଣ କରାଯାଇଥିବା ଆବେଦନ ପତ୍ର ମଧ୍ୟ ଆବଶ୍ୟକ ଅଟେ ।
ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇ ରାମୁର ସେହିଦିନ ଜମା ଖାତାଟିଏ ଖୋଲାଗଲା ।
ଏଇ ନିଅ ! ତୁମର ଜମାଖାତା ପାସ୍‌ବୁକ୍ ଜମାଟଙ୍କା, ଉଠାଣ, ବାଲାନ୍ସ ଟଙ୍କା, ସୁଧ ପ୍ରାପ୍ତି ସବୁ ଏଥିରେ ଲେଖାରହିବ । ଯେତେବେଳେ ବ୍ୟାଙ୍କକୁ ଆସିବ, ଏଇ ଜମା ଖାତା ଆଣିବାକୁ ଭୁଲି ଯିବନି !
ନୋ - ଫ୍ରିଲ୍ସ ପାସବୁକ୍
ତାରିଖ
ଜମା ଟଙ୍କା
ବାଲାନ୍ସ
ଦସ୍ତଖତ
2/7/07
Rs 10/-
Rs 10/-


ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରକୋଷ୍ଠରୁ ବାହାରକୁ ବ୍ୟାଙ୍କ ମ୍ୟାନେଜର, ରାମୁ ଏବଂ ଲକ୍ଷ୍ମଣ ଆସୁଥିବା ସମୟରେ ରାମୁର ଦୃଷ୍ଟି ଗୋଟାଏ ଜିନିଷ ଉପରେ ପଡ଼ିଗଲା ।
LOANS
SAVE!
ସେ ତାଲା ବନ୍ଦ ଡବାଟି କଅଣ, ଆଜ୍ଞା ?


ରାମୁ ! ଆମ ପାଇଁ ଆମ ଗ୍ରାହକଗଣ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଅଟନ୍ତି । ଯଦି ତୁମେ ଆମ ବ୍ୟାଙ୍କର ପ୍ରଦତ୍ତ ସେବାରେ ସନ୍ତୁଷ୍ଟ ନୁହଁ, ତେବେ ତୁମେ ଲିଖିତ ଆକାରରେ ନିଜର ଅଭିଯୋଗ ଏହି ଅଭିଯୋଗ ପେଟିକାରେ ଦାଖଲ କରିପାରିବ । ମୁଁ ନିଜେ ତୁମର ଅଭିଯୋଗ ଦୂର କରିବା ପାଇଁ ପ୍ରଚେଷ୍ଟା କରିବି ।
TODAY
OPEN A SAVINGS ACCOUNT
JANATA BANK


START
TODAY
ତାହା ହେଲେ, ଆପଣ ଆଉ କେଉଁ ସେବା ସବୁ ଗ୍ରାହକମାନଙ୍କୁ ଯୋଗାଇ ଦିଅନ୍ତି ?
OPEN A SAVINGS ACCOUNT
JANATA BANK


ଆମଦ୍ୱାରା ଦେଶର ଏକ କୋଣରେ ଜମା ଟଙ୍କା ଦେଶର ଅନ୍ୟ ଏକ କୋଣକୁ
ପଠାଯାଇ ନିର୍ଦ୍ଦିଷ୍ଟ ଗ୍ରାହକଙ୍କୁ ପ୍ରଦାନ କରାଯାଏ - Money Transfer
WITHDRAWAL
DEPOSIT
ଆମେ ଆପଣଙ୍କ ମୂଲ୍ୟବାନ ଦ୍ରବ୍ୟକୁ
ସୁରକ୍ଷିତ ରଖିଥାଉ - LOCKER
ସ୍ୱୟଂ ଚାଳିତ ମେସିନ୍ - ସର୍ବଦା ଜମାନେବା ଓ
ଉଠାଣ ପାଇଁ ପ୍ରସ୍ତୁତ- A.T.M.
ATM
WITHDRAW MONEY AT ANY TIME
CASH
ଆପଣଙ୍କ ଜମା ରାଶି ପର୍ଯ୍ୟାପ୍ତ ନଥିଲେ ମଧ୍ୟ, ଆମେ
ଆପଣଙ୍କୁ ତୁରନ୍ତ ଋଣ ମଧ୍ୟ ଦେଇଥାଉ - OVERDRAFT


ଏବେ ରାମୁ ଏବଂ ଲକ୍ଷ୍ମଣ ବ୍ୟାଙ୍କରୁ ବିଦାୟ ନେବାର ସମୟ ଆସିଯାଇଥାଏ । ................
ସାର ! ବହୁତ ଧନ୍ୟବାଦ । ଏବେ ମୁଁ ହୃଦୟଙ୍ଗମ କଲି କି ବ୍ୟାଙ୍କ ଖାତା ଖୋଲିଲେ, କେତେ ପ୍ରକାରର ସୁବିଧା ମିଳିଥାଏ । ହେ ! ପ୍ରଭୁ ! ମୁଁ ଆଗରୁ ବ୍ୟାଙ୍କ ଖାତାଟିଏ କାହିଁକି ନ ଖୋଲିଲି ? ଆଜି ଜାଣିଲି ଯେ ବ୍ୟାଙ୍କ ସେବା ବିଷୟରେ ମୋର ଯାହା ଧାରଣା ଥିଲା, ତାହା କେତେ ଭୁଲ୍ । ବ୍ୟାଙ୍କ ଖାତା ଖୋଲି ବ୍ୟାଙ୍କ ସେବା ପାଇବା କେତେ ସହଜ କଥା !
ଆରେ ! ଧନ୍ୟବାଦର ଆବଶ୍ୟକତା କଅଣ ? ଏହା ତ ମୋର କାର୍ଯ୍ୟ । କିନ୍ତୁ ଲକ୍ଷ୍ମଣ ତୁମକୁ ବ୍ୟାଙ୍କ ବିଷୟରେ ବୁଝାଇଲା ଏବଂ ତୁମେ ନିଜେ ବ୍ୟାଙ୍କ ସେବା ବିଷୟରେ ଯେମିତି ଜାଣିଲ, ସେହିପରି ତୁମେ ନିଜ ଗାଆଁ ଲୋକଙ୍କୁ ବୁଝାଅ ଯେ ସେମାନେ ନିଜର ଗୋଟାଏ ବ୍ୟାଙ୍କ ଖାତା ଖୋଲନ୍ତୁ । ଏହାଦ୍ୱାରା ସେମାନେ ଟଙ୍କା ସଞ୍ଚୟ କରିପାରିବେ ଏବଂ ସୁଧ ଆକାରରେ ଟଙ୍କା ଅର୍ଜନ ବି କରିପାରିବେ ।
STAR
SAVIN
TODA
OPEN A SAVINGS ACCOUNT
JANATA BAN

ଆପଣ ଯିଏ ବି ହୁଅନ୍ତୁ, ଯେକୌଣସି ବ୍ୟବସାୟ ବି କରୁଥାଆନ୍ତୁ, ବ୍ୟାଙ୍କ ସଞ୍ଚୟ ଖାତା ଆପଣଙ୍କୁ ଆପଣଙ୍କ ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରିଥାଏ ।













ପିଲାଦିନରୁ ସ୍ୱପ୍ନ ଦେଖୁଥିଲି, ମୁଁ ନିଜେ, ନିଜର ଗୋଟାଏ ବ୍ୟବସାୟିକ ସଂସ୍ଥାର ପରିଚାଳକ ହେବି । ବ୍ୟାଙ୍କରେ ଖାତାଟିଏ ଖୋଲି, ମୁଁ ମୋ ସ୍ୱପ୍ନକୁ ସାକାର କରିପାରିଛି । ବ୍ୟାଙ୍କ ମୋତେ ଋଣ ପ୍ରଦାନ କଲା ଏବଂ ଆଜି ମୋର ନିଜର କାରବାର ମୁଁ ସମ୍ଭାଳୁଛି । ମୋର ତ ଜୀବନର ଦିଗ ବି ପରିବର୍ତ୍ତନ ହୋଇଗଲା ।
ଏବେ ମାସିକିଆ ପେନ୍‌ସନ୍ ପାଇଁ ମୁଁ ଡାକ ପିଅନକୁ ଅପେକ୍ଷା କରୁନି । ମୋର ପେନ୍‌ସନ୍ ଟଙ୍କା ମୋର ବ୍ୟାଙ୍କ ଖାତାରେ ଜମା ହୋଇଯାଉଛି । ଏବେ ମୋତେ ବହୁତ ଆରାମ ମିଳିଲା ।
ଆର୍ଥିକ ସମୃଦ୍ଧି ଏବଂ ପ୍ରଗତି
LOANS
DEPOSITS
SAVINGS
ଏକ ସଞ୍ଚୟ ବ୍ୟାଙ୍କଖାତା ଆର୍ଥିକ ସୁରକ୍ଷା ଏବଂ ସୁସ୍ଥ ଜୀବନ ଯାତ୍ରାର ପ୍ରଥମ ପଦକ୍ଷେପ ।
ପାସ୍‌ବୁକ୍
ସଞ୍ଚୟ ଖାତା
ଜନତା ବ୍ୟାଙ୍କ


ଆମେ ସମସ୍ତେ ଗୋଟାଏ ଲେଖା ସଞ୍ଚୟ ବ୍ୟାଙ୍କ ଖାତା ଖୋଲି ଏକ ନୂତନ ପଦକ୍ଷେପ ନେଇଅଛୁ । ଆପଣମାନେ କଅଣ ଏହି ଦିଗରେ ଭାବି ଅଛନ୍ତି?
THE END

# ଆପଣଙ୍କ ସୁବିଧା ପାଇଁ ସୂଚନା :

* ବିଭିନ୍ନ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ମୂଳ ସଞ୍ଚୟ ଖାତାର ସୁବିଧା ସୁଯୋଗକୁ ସାଧାରଣତଃ ..ନୋ - ଫ୍ରିଲସ୍ ସଞ୍ଚୟଖାତା.. କୁହାଯାଏ ।

* ଏହି ସୁବିଧା ଭିନ୍ନ ଭିନ୍ନ ବ୍ୟାଙ୍କ ଭିନ୍ନ ଭିନ୍ନ ନାମରେ ପ୍ରଦାନ କରିଥାଆନ୍ତି ।

*********

* ଏହିପରି ଏକ ସଞ୍ଚୟଖାତା ଖୋଲିବା ପାଇଁ ନ୍ୟୁନତମ ଜମାରାଶି ୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ ।

*********

* ଖାତା ଖୋଲିବା ସମୟରେ ବ୍ୟାଙ୍କ ଅଧିକାରୀଙ୍କ ନିକଟରୁ ବିସ୍ତୃତ ତଥ୍ୟାବଳୀ ପ୍ରାପ୍ତ କରିପାରନ୍ତି ।

********

* ବ୍ୟାଙ୍କରେ ..ନୋମିନେସନ୍.. ବ୍ୟବସ୍ଥାର ପ୍ରଚଳନ ରହିଛି । ଆପଣ ଏହି ସୁବିଧା ପ୍ରାପ୍ତି କରନ୍ତୁ ।

********

* ଯଦି କୌଣସି ଗ୍ରାହକ ବ୍ୟାଙ୍କ ସେବା ପ୍ରାପ୍ତି ସମ୍ବନ୍ଧରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ବ୍ୟାଙ୍କର ଶାଖା ପ୍ରବନ୍ଧକ / ସେହି କ୍ଷେତ୍ରର ବ୍ୟାଙ୍କର ନିୟନ୍ତ୍ରକ ଅଧିକାରୀ କିମ୍ବା ନିଜ ପ୍ରଦେଶର ବ୍ୟାଙ୍କ ଲୋକପାଳ (BANKING OMBUDSMAN) ଙ୍କୁ ନିଜର ଅଭିଯୋଗ ଲିଖିତ ଆକାରରେ ପ୍ରଦାନ କରନ୍ତୁ ।

*********

* ବ୍ୟାଙ୍କ ଲୋକପାଳଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ଗ୍ରାହକ ଏବଂ ବ୍ୟାଙ୍କ ମଧ୍ୟରେ ଉପୁଜିଥିବା ଅଭିଯୋଗର ଆପୋଷ ସମାଧାନ କରିବା । ପ୍ରତ୍ୟେକ ରାଜ୍ୟ ପାଇଁ ଜଣେ ବ୍ୟାଙ୍କ ଲୋକପାଳ ରହିଅଛନ୍ତି ।

**********

* ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ କିଶାନ୍ କ୍ରେଡ଼ିଟ୍ କାର୍ଡ଼ (KCC), ଜେନେରାଲ କ୍ରେଡ଼ିଟ୍ କାର୍ଡ଼ (GCC), ବୀମା ସୁବିଧା (Insurance) ଆଦି ବିବିଧ ସୁବିଧା ପ୍ରଦାନ କରିଥାଏ ।

***********

* ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ଏ.ଟି. ଏମ୍. (ATM) ସୁବିଧା ପ୍ରଦାନ କରେ । ଏହା ସାହାଯ୍ୟରେ ଗ୍ରାହକଙ୍କୁ ବ୍ୟାଙ୍କ ଶାଖାକୁ ନ ଯାଇ ଟଙ୍କା ଜମା କିମ୍ବା ଉଠାଣର ସୁବିଧା ଯୋଗାଇ ଦିଆ ଯାଇଥାଏ ।

**********

ଅଧିକ ତଥ୍ୟ ପ୍ରାପ୍ତି ନିମନ୍ତେ, ଆମର ୱେବ ସାଇଟ୍ - www.rbi.org.in ରେ ଲଗ୍ - ଇନ୍ (Log in) କରନ୍ତୁ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କ ହିସାବରେ କେତେ ଗୁଡିଏ ବିଶିଷ୍ଟ ଏବଂ ଆହ୍ୱାନ ମୂଳକ କାର୍ଯ୍ୟକ୍ରମର ପରିଚାଳନା କରିଥାଏ । ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ସାର୍ବଜନୀକ ଏବଂ ଜନହିତକାରୀ ସଂସ୍ଥା ଅଟେ । ରିଜର୍ଭ ବ୍ୟାଙ୍କ ଅଧୁନା ସାଧାରଣ ଜନତାଙ୍କ ପାଇଁ ବିତ୍ତିୟ ଶିକ୍ଷାର ଏକ ଅଭିଯାନ ପ୍ରାରମ୍ଭ କରିଛି, ଯଦ୍ଦ୍ୱାରା ସାଧାରଣ ଜନତା ହୃଦୟଙ୍ଗମ କରିପାରିବେ ବ୍ୟାଙ୍କମାନଙ୍କ ନିକଟରୁ କିପରି ବିଭିନ୍ନ ସେବାର ଲାଭ ଉଠା ଯାଇ ପାରିବ । ସେମାନଙ୍କ ନିକଟରେ କିପରି ବିକଳ୍ପ ବ୍ୟବସ୍ଥା ରହିଅଛି ଏବଂ ସେମାନଙ୍କର ଏ ବାବଦରେ ଅଧିକାର ଓ ଦାୟିତ୍ୱ କଅଣ ଜାଣି ପାରିବେ ।
- ସମସ୍ତଙ୍କ ନିକଟରେ ପହଞ୍ଚି ପାରିବାର ପ୍ରୟାସକୁ ପାଥେୟ କରି ଭାରତୀୟ ରିଜର୍ଭ ବ୍ୟାଙ୍କ '' ରିଜର୍ଭ ସ୍କିକ୍'' ନାମକ ଏକ ସଚିତ୍ର ପତ୍ରିକା ପ୍ରକାଶ କରିଅଛି, ଯଦ୍ଦ୍ୱାରା ସାଧାରଣ ଜନତା ଭାରତୀୟ ରିଜର୍ଭ ବ୍ୟାଙ୍କ ତଥା ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ସେବା ପ୍ରଦାନର ସମସ୍ତ ଦିଗ ସମ୍ବନ୍ଧରେ ତଥ୍ୟ ଗ୍ରହଣ କରିପାରିବେ ।
- ଉପରୋକ୍ତ ପ୍ରୟାସର ଅର୍ନ୍ତଭୁକ୍ତ ଏହି ପତ୍ରିକା ''ବ୍ୟାଙ୍କ ଖାତାର କାହାଣୀ'' ସାଧାରଣ ଜନତା ପାଇଁ ବ୍ୟାଙ୍କ ଖାତାର ଉପଯୋଗିତା ଏବଂ ପ୍ରାପ୍ତ ସୁବିଧା ବିଷୟରେ ଜନତାଙ୍କୁ ସଚେତନ କରିପାରିବ ବୋଲି ରିଜର୍ଭ ବ୍ୟାଙ୍କ ଆଶା ରଖିଅଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ମୂଖ୍ୟସ୍ରୋତରୁ ବିଚ୍ଛିନ୍ନ ତଥା ଉପେକ୍ଷିତ ବର୍ଗର ସାଧାରଣ ଜନତାକୁ ବ୍ୟାଙ୍କ ସେବାର ଅନ୍ତର୍ଭୁକ୍ତ କରାଇ ପ୍ରଚଳିତ ଆର୍ଥିକ ବ୍ୟବସ୍ଥାର ସୁଫଳ ପ୍ରଦାନ କରିବା ପାଇଁ ପ୍ରୟାସ କରିଅଛି ।